# ସରକାରୀ ମୁସାଫିର୍‌ଖାନା

୧୮/୧୨/୧୯୮୮

ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜନୈତିକ ଦୃଷ୍ଟିରୁ ଏକ ସ୍ଥିର ବା ସ୍ଥାୟୀ ସରକାର ଯେତିକି ଆବଶ୍ୟକ, ତା'ଠାରୁ ଅଧିକ ଆବଶ୍ୟକ ଏବଂ ଗୁରୁତ୍ୱପୂର୍ଣ୍ଣ ହେଉଛି ଏକ ଦକ୍ଷ ଏବଂ ଅଙ୍ଗୀକାରବଦ୍ଧ ପ୍ରଶାସନ ବ୍ୟବସ୍ଥା । ଆମ ରାଜ୍ୟରେ ଗତ ୯ ବର୍ଷର ରାଜନୈତିକ ସ୍ଥିରତା ସତ୍ତ୍ୱେ ଅଙ୍ଗୀକାରବଦ୍ଧତାର ଅଭାବ ଓ କାମଚଳା ଅସ୍ଥାୟୀ ମନୋବୃତ୍ତିର ପ୍ରଭାବ ଯୋଗୁ ଆମ ପ୍ରଶାସନ ଏକ ଦକ୍ଷତାର ସଙ୍କଟର ସମ୍ମୁଖୀନ । ଫଳରେ ବହୁ ଉତ୍ସାହ ଏବଂ ଆବେଗ ସହିତ ଆରମ୍ଭ ହେଉଥିବା କାର୍ଯ୍ୟକ୍ରମଗୁଡ଼ିକ ସଫଳ ହୋଇ ପାରୁନାହିଁ । ବହୁପୂର୍ବେ "ସ୍ଥାୟୀ ସରକାର ଓ ଅସ୍ଥାୟୀ ବ୍ୟବସ୍ଥା" ଶୀର୍ଷକ ଏକ ଅଗ୍ରଲେଖରେ ଏ ଅବସ୍ଥା ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଆଜି ଅନ୍ୟ ଦୃଷ୍ଟାନ୍ତ ଦେଇ ପୁଣି ତାହାକୁ ଦୋହରାଇବା ଦରକାର ପଡୁଛି ।

ଆଜିର ଦୃଷ୍ଟାନ୍ତ ପାଇଁ ଓଡ଼ିଶାର ବିଭିନ୍ନ ନିଗମ ଏବଂ ଅର୍ଦ୍ଧସରକାରୀ ଅନୁଷ୍ଠାନମାନଙ୍କ କଥା ବିଚାରକୁ ନିଆଯାଉ । ଓଡ଼ିଶା ସରକାରଙ୍କର ଯେତେ ସବୁ ନିଗମ ଏବଂ ଅର୍ଦ୍ଧସରକାରୀ ଅନୁଷ୍ଠାନମାନ ଅଛନ୍ତି ସେମାନଙ୍କ ଭିତରୁ ଅଧିକାଂଶ କ୍ଷତିରେ ଚାଲୁଥିବା କଥା ସରକାର ମଧ୍ୟ ନିଜେ ସ୍ୱୀକାର କରନ୍ତି । ଅତୀତରେ ଏମାନଙ୍କ ମଧ୍ୟରୁ କେତେକ ପ୍ରାୟ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ସେମାନଙ୍କର ହିସାବପତ୍ର ନିୟମାନୁସାରେ ତିଆରି କରି ଅଡିଟ୍ କରାଇ ନ ଥିବାରୁ ଖୋଦ୍ ମୁଖ୍ୟମନ୍ତ୍ରୀ ବିରକ୍ତି ପ୍ରକାଶ କରିଥିଲେ ଏବଂ ଯଥାଶୀଘ୍ର ତାହା କରିବା ପାଇଁ ନିର୍ଦ୍ଦେଶ ଦେବା ସଙ୍ଗେ ସଙ୍ଗେ ତାଗିଦ୍ କରିଥିଲେ, କିନ୍ତୁ ମୂଳ ପ୍ରଶ୍ନ ହେଉଛି ଏ ଅନୁଷ୍ଠାନମାନଙ୍କର ଅବସ୍ଥା କାହିଁକି ଏପରି ହୋଇଛି ? ଓଡ଼ିଶାର ତଥାକଥିତ ପ୍ରତିଭାବାନ୍ ଏବଂ ଦକ୍ଷ ପ୍ରଶାସକମାନେ ଏଗୁଡ଼ିକର ପରିଚାଳନା ନିର୍ଦ୍ଦେଶକ ଏବଂ ଅଧ୍ୟକ୍ଷ ଅଛନ୍ତି । ପ୍ରଶାସକୀୟ ସିଦ୍ଧାନ୍ତ ଅନୁସାରେ ଏ ଅନୁଷ୍ଠାନଗୁଡ଼ିକୁ ସାଧାରଣ

## ଆମଘରର ହାଲଚାଲ

ସୌମ୍ୟରଞ୍ଜନ ପଟ୍ଟନାୟକ

ଗତାନୁଗତିକ ବିଭାଗୀୟ ନିୟମକାନୁନ୍‌ର ଊର୍ଦ୍ଧ୍ୱରେ ରଖି ଅର୍ଦ୍ଧସରକାରୀ ଅନୁଷ୍ଠାନ ଭାବରେ ଅଧିକ ସ୍ୱାତନ୍ତ୍ର୍ୟ ଓ ସ୍ୱାଧୀନତା ଦିଆଯାଇଛି । ତେବେ କ୍ଷତି କାହିଁକି ହେଉଛି ? ଦକ୍ଷତା କାହିଁକି ପ୍ରକାଶ ପାଉନାହିଁ ? ଏ ଅନୁଷ୍ଠାନ ଗୁଡ଼ିକ ମୂଳରୁ ଏକ ଅସ୍ଥାୟୀ ମନୋବୃତ୍ତିର ଶିକାର ହୋଇ ଏପରି ତ୍ରିଶଙ୍କୁ ଅବସ୍ଥାରେ ଆଜି ଆସି ପହଞ୍ଚିଲେଣି ଯେ ଏମାନଙ୍କୁ ସରକାରୀ ବିଭାଗମାନଙ୍କର ଗୋଟିଏ ଗୋଟିଏ ଏକ୍ସଟେନ୍‌ସନ୍ କାଉଣ୍ଟର କହିଲେ ଅତ୍ୟୁକ୍ତି ହେବନାହିଁ । ସେ ହାଉସିଂ ବୋର୍ଡ଼ ହେଉ କିମ୍ବା ବ୍ରିଜ୍ କନଷ୍ଟ୍ରକ୍ସନ୍ କର୍ପୋରେସନ୍ ହେଉ, ଅକ୍ଷୟଶକ୍ତି ବିକାଶ ସଂସ୍ଥା ହେଉ କିମ୍ବା 'ଉଦ୍‌କୋ' ସଂସ୍ଥା ହେଉ, ଯୋଗାଣ ନିଗମ ହେଉ କିମ୍ବା ସଡ଼କ ପରିବହନ ସଂସ୍ଥା ହେଉ, ସମବାୟ ବ୍ୟାଙ୍କ ହେଉ କିମ୍ବା ସାଧାରଣ ମ୍ୟୁନିସିପାଲିଟି ଟିଏ ହେଉ ପ୍ରାୟ ପ୍ରତ୍ୟେକ ଅର୍ଦ୍ଧସରକାରୀ ଅନୁଷ୍ଠାନ ସମ୍ପର୍କରେ ଏହା ଅଳ୍ପବହୁତେ କୁହାଯାଇପାରେ । ସରକାରୀ ବିଭାଗ ଏବଂ ଏହି ନିଗମମାନଙ୍କ କାର୍ଯ୍ୟପ୍ରଣାଳୀ ମଧ୍ୟରେ ସେପରି କୌଣସି ପ୍ରଭେଦ ନାହିଁ । ନିଗମଗୁଡ଼ିକ କୌଣସି ବିଶେଷ କାର୍ଯ୍ୟକ୍ରମ ବା ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ ନ ହୋଇ ବୋଧ ହୁଏ କେତେକ ବ୍ୟକ୍ତିବିଶେଷଙ୍କର ଥଇଥାନ ପାଇଁ ତିଆରି ହୋଇଛନ୍ତି । ତା' ନ ହୋଇଥିଲେ ଏଥିରେ କାମ କରୁଥିବା ଅଧିକାଂଶ କର୍ମଚାରୀ ସରକାରୀ ବିଭାଗମାନଙ୍କରୁ ଡେପୁଟେସନ୍‌ରୁ ଆସି ମୋଟା ଆଲାଉନ୍ସ ପାଉନଥାନ୍ତେ । ସିଧାସଳଖ ଯେଉଁମାନେ ଏ ନିଗମଗୁଡ଼ିକରେ ନିଯୁକ୍ତି ପାଇଥିଲେ ବହୁ ବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କର ଦକ୍ଷତା ଓ ସଂସ୍ଥାପ୍ରତି ଆନୁଗତ୍ୟର କୌଣସି ସ୍ୱୀକୃତି ମିଳୁନାହିଁ । ଅବଶ୍ୟ ଯୁକ୍ତି କରାଯାଇପାରେ ଯେ ନୂଆ ନୂଆ ନିଗମ ଗଢ଼ା ହେଲା ବେଳେ ସବୁ ପଦପଦବୀ ପାଇଁ ଅଭିଜ୍ଞ ଅଧିକାରୀମାନେ ଓଡ଼ିଶାର ତତ୍କାଳୀନ ଖୋଲା ବଜାରରେ ମିଳୁ ନ ଥିଲେ । ତେଣୁ ପ୍ରଥମାବସ୍ଥାରେ ସରକାରଙ୍କର ବିଭିନ୍ନ ବିଭାଗରେ ଥିବା ଅଭିଜ୍ଞ ଅଧିକାରୀମାନଙ୍କୁ ଧାର ସୂତ୍ରରେ ଆଣି କାମଚଳାଇବାକୁ ପଡୁଥିଲା । କିନ୍ତୁ ପ୍ରଶ୍ନ ହେଉଛି, କେତେ ବର୍ଷ ପର୍ଯ୍ୟନ୍ତ ଆମ ନିଗମ ଗୁଡ଼ିକ ଏପରି ଧାରୁଆ ହୋଇ ରହିବେ ? ସବୁଠାରୁ ବିଡ଼ମ୍ବନାର ବିଷୟ ହେଲା ଯେ ଗୋଟିଏ ନିଗମରେ ଏବଂ ଗୋଟିଏ ପଦବୀରେ ଦୁଇ ରକମର ଲୋକ ଦୁଇ ପ୍ରକାର ଦରମା ହାରପାଇ ଏକା ରକମ କାମ କରୁଛନ୍ତି । ଏ ଜାତିପ୍ରଥାକୁ ବିଲୋପ କରିବ କିଏ ? ଅନେକ ନିଗମ ଏପରି ଅଛନ୍ତି ଯେଉଁମାନେ କି ଆମ ଓଡ଼ିଆ ଇଂଜିନିୟର ଭାଇମାନଙ୍କୁ ଦିନ ମଜୁରିଆ ଭାବରେ ରଖିବା ପାଇଁ କୁଣ୍ଠିତ ହେଉ ନ ଥିବା ବେଳେ ନିଜର ସଖାସହୋଦରମାନଙ୍କ ଥଇଥାନ ପାଇଁ ଉଚ୍ଚ ପଦବୀ ସୃଷ୍ଟି କରିବାରେ ଆଦୌ ସଙ୍କୋଚ କରୁନାହାନ୍ତି । ଏହା ଦାସପ୍ରଥା ନୁହେଁତ ଆଉ କ'ଣ ?

ଅଧିକାଂଶ ଲୋକ ଏହି ନିଗମଗୁଡ଼ିକୁ ଏକ ମୁସାଫିର୍‌ଖାନା ପରି ବ୍ୟବହାର କରିବାରେ ଲାଗିଛନ୍ତି । "ମୋର ପ୍ରମୋଶନ ହେବାକୁ ଆଉ ୨।୩ ବର୍ଷ ବାକି ଅଛି, ପ୍ରମୋଶନ ହେଲେ ପୁଣି ଭୁବନେଶ୍ୱର ଫେରିଆସି ପାରିବି ତେଣୁ ମଝିରେ ଏ ୨।୩ ବର୍ଷ ଭୁବନେଶ୍ୱରରେ କୌଣସି ନିଗମରେ କଟେଇ ଦିଏ" କିମ୍ବା "ମୋର ପ୍ରମୋଶନ ହେଲା, ଭୁବନେଶ୍ୱରରେ ରହିବା ସମ୍ଭବ ହେଉ ନାହିଁ, ତେଣୁ କୌଣସି ନିଗମ ଖୋଜିବା ଦରକାର", "ଅବାଞ୍ଛିତ ଜାଗାକୁ ବଦଳି ହେଲା, ରଦ୍ଦ କରିବା ସମ୍ଭବ ହେଉନାହିଁ, କିଛି ଦିନ କୌଣସି ନିଗମକୁ ଚାଲିଯିବା ଦରକାର" – ଏ ପ୍ରକାର ମନୋବୃତ୍ତି ପ୍ରାୟ ପ୍ରତ୍ୟେକ ନିଗମ ଅଧିକାରୀମାନଙ୍କୁ ଆଜି ଜାବୁଡ଼ି ଧରିଛି । ଅଥଚ ଛଆଡ଼େ କୁହାଯାଉଛି ଯେ ଅଭିଜ୍ଞତା ପାଇଁ ସେମାନଙ୍କ ସାହାଯ୍ୟ ନିଆଯାଉଛି । ଫଳରେ ତଳସ୍ତରରେ ଯେଉଁ ସାଧାରଣ କର୍ମଚାରୀମାନେ କାମ କରୁଛନ୍ତି ସେମାନଙ୍କ ମଧ୍ୟରେ କୌଣସି ଉତ୍ସାହ ରହୁନାହିଁ କି ଉପରସ୍ଥ ଅଧିକାରୀମାନଙ୍କ ପ୍ରତି କୌଣସି ସମ୍ମାନ ଦେଖା ଦେଉ ନାହିଁ । କାର୍ଯ୍ୟଦକ୍ଷତା ଆସିବ କୁଆଡୁ ବା ସଫଳତା ମିଳିବ କେଉଁଠୁ ? ତେଣୁ ସରକାରୀ ବିଭାଗମାନଙ୍କରୁ ଅଭିଜ୍ଞ କର୍ମଚାରୀମାନଙ୍କର ନିଗମରେ ନିଯୁକ୍ତି ପାଇଁ ମନା ନାହିଁ କିନ୍ତୁ ଯଦି ସେମାନେ ନିଗମରେ କାମ କରିବାକୁ ଚାହାନ୍ତି ତା'ହେଲେ ସବୁ ଦିନ ପାଇଁ ତାକୁ ଆପଣେଇବା ଦରକାର । ମୁସାଫିର୍‌ଖାନା ପରି ଏଗୁଡ଼ିକୁ ବ୍ୟବହାର କରିବାର ମନୋବୃତ୍ତିରୁ ନିବୃତ୍ତ ହେବା ଦରକାର । ତା'ହେଲେ ଯାଇ ଦକ୍ଷତା ଓ ସଫଳତା କଥା ଚିନ୍ତା କରାଯାଇପାରିବ ।